# Akashvani, Sambalpur

# SAMBALPURI NEWS BULLETIN

## 31 August 2024- 6.47- 6.52 am.

***********************************************

ସ୍ୱାୟତ ଶାସନ୍ ଦିବସ୍          ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ସ୍ୱାୟତ ଶାସନ୍ ଦିବସ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟର୍ ୩୦ ଟା ଜିଲ୍ଲା ନ ୧ ହଜାର୍ ଶହେ ୫୧ କୋଟି ଟଙ୍କାର ୪ ଶହ ୮୧ ଟା ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ ପ୍ରକଳ୍ପର୍ ଶିଳାନ୍ୟାସ୍ ଆର୍ ଲୋକାର୍ପଣ୍ କର୍‌ବେ । ଇତାର୍‌ସହେତେ ୨୭ ଝନ୍ ଓଡ଼ିଶା ପୌର ପ୍ରଶାସନିକ ଅଧିକାରୀଙ୍କୁ ନିଯୁକ୍ତିପତ୍ର ଦିଆଯିବା । ପ୍ରମୁଖ ପରିମଳ କର୍ମଚାରୀଙ୍କୁ ଉତ୍ସର୍ଗୀକୃତ ସେବା ଲାଗି ଭିଲ୍ ମୁଖ୍ୟମନ୍ତ୍ରୀ ସମ୍ମାନିତ୍ କର୍‌ବେ । ସ୍ୱାୟତ ଶାସନ୍ ଦିବସ୍ ଅବ୍‌ସରେ ରାଜ୍ୟର୍ ପୌରାଂଚଲ୍ ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ମାନ୍ କରାଯାଉଛେ ।

ପି.ଏମ୍- ଉଷା          ଆର୍‌ଏନ୍‌ୟୁ /ସମ୍ବଲପୁର

ଜାତୀୟ ଶିକ୍ଷାନୀତି ଅଧୀନ୍‌ଥି ପି.ଏମ୍- ଉଷା - ପ୍ରଧାନ୍‌ମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ୍ ରାଏଜେ ଲାଗୁ ହେବାର୍‌କେ ଯାଉଛେ । ଇ ବାବ୍‌ଦେ ଆଏଜ୍ କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ଭିତ୍‌ରେ ଗୁଟେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେବା । ଭୁବ୍‌ନେଶ୍ୱର୍ କୃଷି ଭବନ୍‌ର ସମ୍ମିଳନୀ କକ୍ଷ ନ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଉ ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ଉପସ୍ଥିତ୍ ରହେବେ । ଇନ ଜନେଇ ଦିଆଯାଇପାରେ ଯେ, ଇ ଯୋଜ୍‌ନାଥି ଉନ୍ନତମାନର ପାଠ୍ୟକ୍ରମ୍ ତିଆରି, ଶିକ୍ଷକ୍‌ମାନ୍‌କୁ ତାଲିମ୍, ଭିତିଭୂମିର ବିକାଶ୍ ଆର୍ ନିଯୁକ୍ତି ସୃଷ୍ଟି ଉପ୍‌ରେ ଜୋର୍ ଦିଆଯାଇଛେ ।

ପି.ଏମ୍. ସେବାନିଧି ପୁରସ୍କାର୍      ଆର୍‌ଏନ୍‌ୟୁ / ସମ୍ବଲପୁର

କେନ୍ଦ୍ର ସହରାଂଚଲ୍ ବିକାଶ୍ ମନ୍ତ୍ରଣାଳୟ ତର୍‌ଫୁ ପି.ଏମ୍. ସେବାନିଧି ପୁରସ୍କାର୍ ଘୋଷ୍‌ନା କରାଯାଇଛେ । ଓଡ଼ିଶାର୍ ୭ ଟା ସହରାଂଚଲ୍ ଇ ଜାତୀୟ ପୁରସ୍କାର୍ ପାଇଛନ୍ । ମେଗା ଆର୍ ମିଲିୟନ୍ ପ୍ଲସ୍ ବର୍ଗଥି ଭୁବ୍‌ନେଶ୍ୱର୍ ମହାନଗର୍ ନିଗମ୍ ଶ୍ରେଷ୍ଠ ବିବେଚିତ ହେଇଥିବାର୍ ବେଲେ ମେଜର୍ ସିଟି ଭିତ୍‌ରେ ସମ୍ବଲପୁର୍ ମହାନଗର୍ ନିଗମ୍ ମନୋନୀତ ହେଇଛେ । ଆଏଜ୍ ସ୍ୱାୟତ ଶାସନ୍ ଦିବସ୍ ଅବ୍‌ସରେ ଭୁବ୍‌ନେଶ୍ୱର୍ ଲୋକ୍‌ସେବା

ଭବନ୍ ନ ସବୁ ମହାନଗର୍ ନିଗମ୍ ଆର୍ ପୌରାଂଚଲ୍‌କେ ପୁରସ୍କୃତ କରାଯିବା ।

ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣି ବନ୍ଦ୍      ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏବା ମାସ ପହେଲା ୩ ଟା ସୋମ୍‌ବାର୍‌ଥି ମୁଖ୍ୟମନ୍ତ୍ରୀଙ୍କର୍ ରାଜ୍ୟସ୍ତରୀୟ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଇ ବାବ୍‌ଦେ ସାଧାରଣ ପ୍ରଶାସନ୍ ଆର୍ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଳିଛେ । ବିଧାନ୍‌ସଭା ଅଧିବେଶନ୍ ଚାଲୁଥିବାର୍‌ନୁ ଆଏବା ୨ ତାରିଖ୍ ଦିନ ଶୁଣାଣି ବନ୍ଦ୍ ରହେବା । ସେନ୍ତା ନୂଆଖାଇ ଲାଗି ୯ ତାରିଖ୍ ଆଉ ମହାପୁରୁଷ ମହମ୍ମଦ୍‌ଙ୍କର୍ ଜୟନ୍ତୀ ଲାଗି ୧୬ ତାରିଖ୍ ଦିନ ଶୁଣାଣି ବନ୍ଦ୍ ରଖ୍‌ବାର୍ ଲାଗି ନିଷ୍ପତି ନିଆଯାଇଛେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ          ଆର୍‌ଏନ୍‌ୟୁ /ସମ୍ବଲପୁର

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସ୍ୱାୟତ ଶାସନ୍ ଦିବସ୍ ଅବ୍‌ସରେ ଆଏଜ୍ କଟକ୍ ମହାନଗର୍ ନିଗମ୍ ନ ୫୪ କୋଟିର ୧୪ ଟା ପ୍ରକଳ୍ପର୍ ଉଦ୍‌ଘାଟନ୍ ଆର୍ ଭିତିପ୍ରସ୍ତର୍ ଥାପ୍‌ନା କର୍‌ବେ । ଇତାର୍‌ସହେତେ ବକ୍ସିବଜାର୍ ଛକ୍ ନ ବକ୍ସି

ଜଗବନ୍ଧୁଙ୍କର୍ ପ୍ରତିମୂର୍ତିକେ କେନ୍ଦ୍ରମନ୍ତ୍ରୀ ଲୋକାର୍ପଣ୍ କର୍ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ନୂଆଁ ଅବକାରୀ ନୀତି ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ନୂଆଁ ଅବକାରୀ ନୀତି ଜାରି ହେଇଛେ । ଆଏବା କାଏଲ୍ଠାନୁ ଇ ନୀତି ଲାଗୁ ହେବା । ନୂଆଁ ଅବକାରୀ ନୀତିଥି କୁହାଯାଇଛେ ଯେ, ଚଲ୍ତି ଆର୍ଥିକ୍ ବଛ୍ରେ ରାଏଜେ ନୂଆଁ ମଦ୍ ଦୁକାନ୍ ନାଇଁ ଖୁଲେ । ସେନ୍ତା ବାର୍ ନ ନାଚ୍କେ ଅନୁମତି ନାଇଁ ଦିଆଯାଇଥିବାର୍ ବେଲେ ଖାଲି ଗୀତ୍ ପରିବେଷଣ କରିହେବା ବଲି କୁହାଯାଇଛେ । ଇତାର୍ସହେତେ ବେଆଇନ୍ ମଦ୍ କାର୍ବାର୍କେ ରୁକ୍ବାର୍ ଦିଗେ କି ମଦ୍ ପିଇବାର୍ ବାବ୍ଦେ ସଚେତନତା ସୃଷ୍ଟି କର୍ବାର୍ ଲାଗି ଗୁଟେ ସ୍ୱତନ୍ତ୍ର ପାଣ୍ଠି କରାଯାଇଛେ । ଚଲ୍ତି ଆର୍ଥିକ୍ ବଛ୍ରେ ଆଘୋନୁ ନବୀକରଣ୍ ନାଇଁ ହେଇଥିବାର୍ ୫୭ ଟା ମଦ୍ ଦୁକାନ୍ର ଫେର୍ଘାଏ ନବୀକରଣ୍ ନାଇଁ କରାଯାଏ ବଲି କୁହାଯାଇଛେ । ଇ ଅବକାରୀ ନୀତି -୨୦୨୫ ମସିହା ମାର୍ଚ୍ଚ ୩୧ ତାରିକ୍ତକ୍ ଲାଗୁ ରହେବା ।

ଇ-ହାଇକୋର୍ଟ ରେକର୍ଡ଼ସ୍ ପୋର୍ଟାଲ୍ ଆର୍ଏନ୍ୟୁ /ସମ୍ବଲପୁର

ଓଡ଼ିଶା ହାଇକୋର୍ଟ ତରଫୁ ୨ ଭାଷାଥି ହେବାର୍କେ ଥିବା ଇ-ହାଇକୋର୍ଟ ରେକର୍ଡ଼ସ୍ ପୋର୍ଟାଲ୍ ଗଲାକାଏଲ୍ ଉଦ୍ଘାଟନ୍ ହେଇଯାଇଛେ । ଇ ପୋର୍ଟାଲ୍ଥି ସୁପ୍ରିମ୍କୋର୍ଟ ଆଉ ହାଇକୋର୍ଟଙ୍କର୍ ଗୁରୁତ୍ୱପୂର୍ଣ୍ଣ ରାୟ ଇଂଲିଶ୍ ଆର୍ ଓଡ଼ିଆ ଭାଷାଥି ପ୍ରକାଶ୍ ପାଏବା । ପୋର୍ଟାଲ୍ଥି ବାହାରିଥିବା ରାୟ ସଭେ ଦେଖିପାର୍ବେ ।

ଶ୍ରେଷ୍ଠ ମଙ୍ଗଳ କମିଟି ଆର୍ଏନ୍ୟୁ / ସମ୍ବଲପୁର

ପୁରୀ ଶିଶୁମଙ୍ଗଳ କମିଟିକେ ଦେଶର୍ ଶ୍ରେଷ୍ଠ ମଙ୍ଗଳ କମିଟି ଭାବେ ଘୋଷ୍ନା କରାଯାଇଛେ । ନୂଆଦିଲ୍ଲୀ ଠାନେ ହେଇଥିବା ୭ ନମ୍ବର୍ ପ୍ଲାନ୍ ଇଣ୍ଡିଆ ଇମ୍ପେକ୍ଟ ଆୱାର୍ଡ଼-୨୦୨୪ କାର୍ଯ୍ୟକ୍ରମ୍ଥି ପୁରୀ ଶିଶୁ ମଙ୍ଗଳ କମିଟିକେ ପ୍ଲାନ୍ ଇଣ୍ଡିଆ ଇମ୍ପାକ୍ଟ ପୁରସ୍କାର୍ ଦିଆଯାଇଛେ । ଶିଶୁ ଅଧିକାର୍ ସୁରକ୍ଷା ଦିଗେ ଭଲ୍ କାମ୍ କରିଥିବାର୍ନୁ ଇ ପୁରସ୍କାର୍ ମିଳିଛେ ।

ସୁଭଦ୍ରା ଯୋଜ୍ନା ଦେବ୍ଗଡ଼୍/ ଝାର୍ସୁଗୁଡ଼ା/ ସୁବର୍ଣ୍ଣପୁର୍

ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ବିକାଶ୍ ଭବନ୍ ସମ୍ମିଲନୀ କକ୍ଷ ନ ସୁଭଦ୍ରା ଯୋଜ୍‌ନା ବାବ୍‌ଦେ ଗୁଟେ ପ୍ରସ୍ତୁତି ବୈଠକ୍ ଗଲାକାଏଲ୍ ହେଇଯାଇଛେ । ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ସୁଭଦ୍ରା ଯୋଜ୍‌ନାର୍ ନିର୍ଦ୍ଦେଶାବଳୀ ଉପ୍‌ରେ ବିସ୍ତୃତ୍ ଭାବେ ଆଲୋଚନା ହେଇଥିଲା ।

ସେଆଡ଼େ ସୁବର୍ଣ୍ଣପୁର୍ ଜିଲ୍ଲା ନ ସୁଭଦ୍ରା ଯୋଜ୍‌ନାର୍ ସଫଲ୍ ରୂପାୟନ୍‌କେ ନେଇକରି ଜିଲ୍ଲାପାଲ୍ ଅନ୍ୟା ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଇ ଯୋଜ୍‌ନାଥି ଯୋଗ୍ୟ ମହିଳାମାନେ ସଚେତନ୍ ହେଇକରି କେନ୍ତା ବହୁତ୍ ସଂଖ୍ୟାଥି ପଞ୍ଜିକରଣ୍ କରିପାର୍‌ବେ ସେ ବାବ୍‌ଦେ ଆଲୋଚନା ହେଇଥିଲା ।

ସେନ୍ତା ଝାର୍‌ସୁଗୁଡ଼ା ଜିଲ୍ଲା ନ ସୁଭଦ୍ରା ଯୋଜ୍‌ନାର୍ କାର୍ଯ୍ୟକାରି କର୍‌ବାର୍ ଲାଗି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ତୟାରି କରାଯାଇଛେ । ଜିଲ୍ଲାପାଲ୍ ଅବୋଲି ସୁନୀଲ୍ ନର୍‌ୱଣେଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଯୋଜ୍‌ନାଥି ଯୋଗ୍ୟ ମହିଳା ହିତାଧିକାରୀ ସାମିଲ୍ ଆଉ ଇତାର୍ କାର୍ଯ୍ୟକାରିତାର୍ ଦିଗେ ଆଲୋଚନା ହେଇଥିଲା ।

ଟିପିଡବ୍ଲୁଓଡିଏଲ୍ -ସ୍ମାର୍ଟ ମିଟର୍ ବର୍‌ଗଡ଼୍ ସମ୍ବାଦଦାତା

ଘରୋଇ ବିଦ୍ୟୁତ୍ କମ୍ପାନୀ ଟିପିଡବ୍ଲୁଓଡିଏଲ୍ ତରଫୁ ଲଗାଯାଇଥିବା ସ୍ମାର୍ଟ ମିଟର୍ ପୁରା ସୁରକ୍ଷିତ ଆଉ ବିଶ୍ୱସନୀୟ ବଲି କମ୍ପାନୀ ତର୍ଫୁ କୁହାଯାଇଛେ । ବର୍ଗଡ୍ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ସ୍ମାର୍ଟ ମିଟର୍ ଫିରାଯାଉଥିବାର୍ ଘଟ୍ନାକେ ନେଇକରି ଇ ଘରୋଇ ସଂସ୍ଥା ତର୍ଫୁ ଗଲାକାଏଲ୍ ଗୁଟେ ସାମ୍ବାଦିକ୍ ସମ୍ମିଲନୀ ଜରିଏ ସ୍ମାର୍ଟ ମିଟର୍ ପୁରା ସୁରକ୍ଷିତ୍ ଆଏ ବଲି ସ୍ୱଷ୍ଟ କରାଯାଇଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

କେନ୍ଦ୍ରୀୟ ଆଉ ଉତର୍ ବଙ୍ଗୋପ୍ସାଗର୍ ନ ହେଇଥିବା ଲଘୁଚାପ୍ ଅଏତ୍କା ଘନୀଭୂତ ହେଇଛେ । ଇତାର୍ ପ୍ରଭାବ୍ଥି ରାଜ୍ୟର୍ ବହୁତ୍ଟେ ଜାଗା ନ ବର୍ଷା ବଢ଼ିପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସୂଚ୍ନା ମିଳିଛେ । ଆଏଜ୍ ନୂଆପଡ଼ା, କଲାହାଣ୍ଡି ସହେତେ ୫ ଟା ଜିଲ୍ଲା ନ ୭ ନୁ ୧୧ ସେଂଟିମିଟର୍ତକ୍ ବର୍ଷା ହେଇପାରେ ବଲି ସୂଚ୍ନା ମିଳିଛେ ।